# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 11 September - 2024

### News Editor : Itishree Singh Rathaur

*********************************

## ମୁଖ୍ୟ ସମ୍ବାଦ

- ନିର୍ମାଣ ଶ୍ରମିକମାନଙ୍କୁ ୩ ହଜାର ୬୧୦ କୋଟିରୁ ଅଧିକ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ
- ନିଯୁକ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ସ୍ୱତନ୍ତ୍ର ଆଇନ୍ ଆଣିବାକୁ ନିଷ୍ପତ୍ତି ନେଲେ ରାଜ୍ୟ ସରକାର
- କୋରାପୁଟ ଓ ମାଲକାନଗିରି ଜିଲ୍ଲାର ବର୍ଷା ପ୍ରଭାବିତ ଅଂଚଳରେ କ୍ଷୟକ୍ଷତି ଆକଳନ କରିବ ସ୍ୱତନ୍ତ୍ର ଟିମ୍

ଏବଂ

- ଉଲ୍ଲେଖନୀୟ ସ୍ୱାସ୍ଥ୍ୟସେବା ପାଇଁ ମାଲକାନଗିରି ଜିଲ୍ଲାର ସଂଯୁକ୍ତା ସେଠୀ ପାଇଲେ ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗଲ୍ ପୁରସ୍କାର

## ମୁଖ୍ୟମନ୍ତ୍ରୀ - ନିର୍ମାଣ ଶ୍ରମିକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ଲୋକସେବା ଭବନରେ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହରେ ଯୋଗଦେଇ ନିର୍ମାଣ ଶ୍ରମିକମାନଙ୍କୁ ୩ ହଜାର ୬୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ନିର୍ମାଣ କ୍ଷେତ୍ରରେ ଶ୍ରମିକଙ୍କର ସାଧାରଣକୁ ଅସାଧାରଣରେ ପରିଣତ କରିବାର କ୍ଷମତା ରହିଛି। ସେମାନଙ୍କର ସାମାଜିକ ସୁରକ୍ଷା ଓ ନିରାପତ୍ତା ଦାୟିତ୍ୱ ସରକାରଙ୍କର। ଆଗାମୀ ଦିନରେ କୌଣସି ଶ୍ରମିକ ଭୂମିହୀନ ରହିବେ ନାହିଁ। ଏ ଦିଗରେ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଶ୍ରମିକମାନଙ୍କର ପରିବାରବର୍ଗଙ୍କୁ ୨ ରୁ ୪ ଲକ୍ଷ ଟଙ୍କା ଲେଖାଏଁ ମୃତ୍ୟୁକାଳିନ ସହାୟତା ଦିଆଯାଇଛି। ସେହିଭଳି ବିବାହ ପାଇଁ ୫୦ ହଜାର ଏବଂ ୧୦ ହଜାର ଟଙ୍କା ପ୍ରସୂତିକାଳୀନ ସହାୟତା ଦିଆଯାଇଛି। ଶିକ୍ଷାବୃତ୍ତି ପାଇଁ ଶ୍ରମିକଙ୍କ ପିଲାମାନଙ୍କୁ ୨ ହଜାରରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମାମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୂଜାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ବିଧାନସଭା-ନିଯୁକ୍ତି ପ୍ରକ୍ରିୟା

ନିଯୁକ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଆଇନ୍ ଆଣିବାକୁ ନିଷ୍ପତ୍ତି ନେଇଛନ୍ତି। ବିଧାନସଭାରେ ଆଜି ମୁଖ୍ୟମନ୍ତ୍ରୀଙ୍କ

ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ଆସନ୍ତା ୫ ବର୍ଷ ଭିତରେ ୧ ଲକ୍ଷ ୫୦ ହଜାର ପଦବୀ ପୂରଣ ପାଇଁ ପ୍ରତିଶ୍ରୁତିବଦ୍ଧ। ସେହିପରି ଆସନ୍ତା ୨ ବର୍ଷ ମଧ୍ୟରେ ସରକାର ୬୫ ହଜାର ପଦବୀ ପୂରଣ କରିବେ। ଖାଲି ପଡିଥିବା ମୋଟ୍ ୩୪ ହଜାର ୬୮୬ ଖାଲି ପଦବୀକୁ ଆସନ୍ତା ଡିସେମ୍ବର ସୁଦ୍ଧା ପୂରଣ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ଚଳିତମାସ ଶେଷ ସୁଦ୍ଧା ସ୍କୁଲ ଓ ଗଣଶିକ୍ଷା ବିଭାଗର ସର୍ବାଧିକ ଖାଲି ପଡିଥିବା ୨୧ ହଜାର ୯୭୯ ପଦବୀ ପୂରଣ କରାଯିବ ବୋଲି ମନ୍ତ୍ରୀ ଗୃହରେ କହିଛନ୍ତି।

## ବିଧାନସଭା-ବିଜୁଳି ସେବା

ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ରାଜ୍ୟର ସବୁ ରାଜସ୍ୱ ଗ୍ରାମକୁ ବିଜୁଳି ସେବା ପହଞ୍ଚାଯିବ। ଶକ୍ତି ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ବିଧାନସଭାରେ ଆଜି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ବକେୟା ବିଦ୍ୟୁତ୍ ଦେୟ ପ୍ରଦାନ ପାଇଁ ରାଜ୍ୟ ସରକାର ଚଳିତ ବଜେଟ୍‌ରେ ନୂତନ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ରାଜ୍ୟର ପଞ୍ଚାୟତଗୁଡ଼ିକୁ ଏ ବାବଦରେ ୧୦୫ କୋଟି ଟଙ୍କା ପ୍ରଦାନ କରାଯାଉଛି। ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ହିତାଧିକାରୀ ମାସିକ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ବ୍ୟବହାରର ବ୍ୟବସ୍ଥା ରହିଛି। ତେବେ ୩୦୦ ୟୁନିଟ୍‌ରୁ କମ୍ ବ୍ୟବହାର କ୍ଷେତ୍ରରେ ବଳକା ବିଜୁଳିକୁ ବିକ୍ରି କରାଯାଇପାରିବ ବୋଲି ମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ସ୍ମାର୍ଟ ମିଟର ନେଇ କୌଣସି ଅଭିଯୋଗ ଥିଲେ ବିତରଣ କମ୍ପାନୀକୁ ଲିଖିତ ଆକାରରେ ଜଣାଇବାକୁ ମନ୍ତ୍ରୀ ଶ୍ରୀ ସିଂହଦେଓ ପରାମର୍ଶ ଦେଇଛନ୍ତି। ଏଣିକି

ପ୍ରତି ୩ ମାସରେ ଥରେ ଜିଲ୍ଲାସ୍ତରୀୟ ଡିଇସି ବୈଠକ ଅନୁଷ୍ଠିତ ହେବ ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି ।

## ବିଧାନସଭା-ଗୋଶାଳା ନିର୍ମାଣ

ରାଜ୍ୟରେ ୨୦୦ ଗୋଶାଳା ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ବିଧାନସଭାରେ କହିଛନ୍ତି । ଗୃହରେ ଆଜି ଏ ସଂକ୍ରାନ୍ତ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ଗୋମାତାଙ୍କ ସୁରକ୍ଷା ପାଇଁ ସରକାର ଏହି ପଦକ୍ଷେପ ଗ୍ରହଣ କରୁଛନ୍ତି । ଯୋଗାଣ ନିର୍ମାଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ସରକାର ଋଣ ପ୍ରଦାନ କରୁଛନ୍ତି । ଆବଶ୍ୟକସ୍ଥଳେ ୯୦ ପ୍ରତିଶତ ପର୍ଯ୍ୟନ୍ତ ଋଣ ଛାଡର ବ୍ୟବସ୍ଥା ରହିଛି । ଗୋରୁଗାଈଙ୍କ ପିଛା ଦୈନିକ ୫୪ ଟଙ୍କା ଗୋଖାଦ୍ୟ ପାଇଁ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

ପାହାଡିଆ ଅଂଚଳରେ ଘାସ ଚାଷକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ରାଜ୍ୟ ସରକାର ଏକର ପିଛା ୩୫ ହଜାର ଟଙ୍କାର ସବ୍‌ସିଡି ପ୍ରଦାନ ବ୍ୟବସ୍ଥା କରିଛନ୍ତି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

## ବିଧାନସଭା-ମୁକୁଳା ଡ୍ରେନ୍

ମୁକୁଳା ଡ୍ରେନ୍ ଜନିତ ସମସ୍ୟାକୁ ପ୍ରତିହତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରୁଛନ୍ତି । ବିଧାନସଭାରେ ଆଜି ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଏଥିପାଇଁ ବଜେଟ୍‌ରେ ୨୦୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି । ମୁକୁଳା

ଡ୍ରେନ୍‌ଗୁଡ଼ିକ ଉପରେ ସ୍ଲାବ୍ ପକାଯାଇ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ଏହି କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ଡ୍ରେନ୍‌କୁ କଭର କରାଯିବା ସହ ଜଳ ନିଷ୍କାସନ ଦିଗରେ ଗୁରୁତ୍ୱ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି । ସ୍ୱେରେଜ୍ ବ୍ୟବସ୍ଥା ନେଇ ଭୁବନେଶ୍ୱରର ଆପାର୍ଟମେଣ୍ଟଗୁଡ଼ିକରେ ସର୍ଭେ କାର୍ଯ୍ୟ ଚାଲିଛି । ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

## ବିଧାନସଭା-ବର୍ଷା କ୍ଷୟକ୍ଷତି ଆକଳନ

ଲଗାଣ ବର୍ଷାରେ କୋରାପୁଟ ଓ ମାଲକାନଗିରି ଜିଲ୍ଲା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି । ପ୍ରଭାବିତ ଅଞ୍ଚଳରେ ଜମିଥିବା ପାଣି ହ୍ରାସ ପାଇବା ପରେ କ୍ଷୟକ୍ଷତି ନେଇ ଆକଳନ କରାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ବିଧାନସଭାରେ ଆଜି ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ଆଜି ସନ୍ଧ୍ୟା ସୁଦ୍ଧା ବିଭିନ୍ନ ଅଞ୍ଚଳରୁ ପାଣି ନିଷ୍କାସିତ ହୋଇଯିବ ବୋଲି ଆଶା କରାଯାଉଛି । ଏକ ସ୍ୱତନ୍ତ୍ର ଟିମ୍ କ୍ଷେତ୍ରୀୟ ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରିବ । ଆକଳନ ରିପୋର୍ଟ ଆଧାରରେ ଓଡ଼ିଶା ରିଲିଫ କୋଡ୍ ଅନୁଯାୟୀ, କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ମାଲକାନଗିରି ଜିଲ୍ଲାରେ ବର୍ଷାଜନିତ ବନ୍ୟାସ୍ଥିତିର ମୁକାବିଲା ପାଇଁ ସରକାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଉଦ୍ଧାର କାର୍ଯ୍ୟରେ ୬ଟି ଓଡ୍ରାଫ ଏବଂ ୭ଟି ଅଗ୍ନିଶମ ଦଳ ନିୟୋଜିତ ହୋଇଥିଲେ । ଆବଶ୍ୟକସ୍ଥଳେ ଏନ୍‌ଡିଆରଏଫ୍ ଏବଂ ବିଏସ୍‌ଏଫ ଯବାନଙ୍କୁ ମୁତୟନ କରାଯିବ ବୋଲି ସେ

କହିଛନ୍ତି। ପରିସ୍ଥିତି ସମ୍ପର୍କରେ ସବିଶେଷ ତଥ୍ୟ ଜାଣିବା ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଯୋଗାଯୋଗରେ ଥିଲେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଗୃହରେ ସୂଚନା ଦେଇଛନ୍ତି। ବର୍ତ୍ତମାନ ୧ ହଜାର ୭୮୦ ଲୋକ ବିଭିନ୍ନ ଆଶ୍ରୟସ୍ଥଳରେ ରହିଛନ୍ତି ଏବଂ ପରିସ୍ଥିତି ସ୍ୱଭାବିକ ହେବା ପର୍ଯ୍ୟନ୍ତ ସେମାନେ ସେଠାରେ ଅବସ୍ଥାନ କରିବେ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

## ଫ୍ଲୋରେନ୍ସ ନାଇଟିଙ୍ଗଲ୍-୨୦୨୪

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନଠାରେ ଆଜି ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗଲ୍-୨୦୨୪ ପୁରସ୍କାର ପ୍ରଦାନ କରିଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ନର୍ସଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଚଳିତବର୍ଷ ସମଗ୍ର ଦେଶରୁ ୧୫ ଜଣଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସେଥିମଧ୍ୟରେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ନର୍ସିଂ ଅଧିକାରୀ ସଂଯୁକ୍ତା ସେଠୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି। ଏହି ସମ୍ମାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଂଯୁକ୍ତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ତାଙ୍କର ତ୍ୟାଗ, ନିଷ୍ଠା ଓ ଜନସେବା ମହିଳା ସଶକ୍ତୀକରଣର ଏକ ଶ୍ରେଷ୍ଠ ଉଦାହରଣ ବୋଲି ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ କହିଛନ୍ତି।

## ଜାତୀୟ ହସ୍ତତନ୍ତ ମେଳା

ଜାତୀୟ ହସ୍ତତନ୍ତ ମେଳା-୨୦୨୪ ଆଜି ଭୁବନେଶ୍ୱର ପ୍ରଦର୍ଶନୀ ପଡିଆଠାରେ ଆରମ୍ଭ ହେବ। ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ

ବିଭାଗ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଏହାକୁ ଉଦ୍‌ଘାଟନ କରିବେ। ଆସନ୍ତାମାସ ୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ଆଦିକୁ ନେଇ ପ୍ରଦର୍ଶନୀ ମଣ୍ଡପମାନ ଖୋଲାଯାଇଛି। ସାଧାରଣ ଜନତାଙ୍କ ପାଇଁ ପ୍ରତ୍ୟହ ପୂର୍ବାହ୍ଣ ୧୧ଟାରୁ ରାତି ସାଢ଼େ ୯ଟା ପର୍ଯ୍ୟନ୍ତ ଏହି ମେଳା ଖୋଲା ରହିବ।

## ଆଧାରକାର୍ଡ ଅପ୍‌ଡେସନ

୧୦ ବର୍ଷ ପୁରୁଣା ଆଧାରକାର୍ଡକୁ ଅପଡେଟ୍ କରିବା ପାଇଁ  ଭାରତୀୟ ଏକକ ପରିଚୟ ପ୍ରାଧିକରଣ-ୟୁ.ଆଇ.ଡି.ଏ.ଆଇ. ପକ୍ଷରୁ କୁହାଯାଇଛି। ନିଶୁଳ୍କ ଅପ୍‌ଡେଟ୍ ପାଇଁ  ଆଗାମୀ ୧୪କୁ ଶେଷ ତାରିଖ ଭାବେ ଧାର୍ଯ୍ୟ କରାଯାଇଛି। ଏହି ସମୟସୀମା ପରେ ଆଧାରକାର୍ଡ ଅପ୍‌ଡେଟ୍ ପାଇଁ ୫୦ ଟଙ୍କା ଶୁଳ୍କ ଦେବାକୁ ପଡିବ। ‘ମାଇଁ ଆଧାର’ ପୋର୍ଟାଲ୍ ବ୍ୟବହାର କରିବାକୁ ୟୁ.ଆଇ.ଡି.ଏ.ଆଇ. ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଗ୍ଲୋବାଲ୍ ବାୟୋ ଇଣ୍ଡିଆ

ନୂଆଦିଲ୍ଲୀର ପ୍ରଗତି ମଇଦାନଠାରେ ହେବାକୁ ଥିବା ଗ୍ଲୋବାଲ ବାୟୋ ଇଣ୍ଡିଆ-୨୦୨୪ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ଓ ପ୍ରଦର୍ଶନୀରେ  ଓଡ଼ିଶା ଅଂଶଗ୍ରହଣ କରିବ। ଆସନ୍ତା ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ ଏକ ଟିମ୍ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ଆବଶ୍ୟକ ଗବେଷଣା, ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ଏବଂ ଶିଳ୍ପ ଭିତ୍ତିଭୂମିର

ବିକାଶ ଫଳରେ ବାୟୋଟେକ୍ନୋଲୋଜି ଶିଳ୍ପ ପ୍ରତିଷ୍ଠା ସହ ଦେଶର ଏକ ପ୍ରମୁଖ ସ୍ଥଳ ହେବାକୁ ଓଡ଼ିଶା ଲକ୍ଷ୍ୟ ରଖିଛି ।

## ସଂଗ୍ରାମୀ ମଞ୍ଚ ବୈଠକ

**ଗଞ୍ଜାମ** ଜିଲ୍ଲା ଭଞ୍ଜନଗରସ୍ଥିତ ବାଉଁସଲୁଣ୍ଡିର ରାଧାକୃଷ୍ଣ ପାଠାଗାରରେ ସ୍ୱାଧୀନତା ସଂଗ୍ରାମୀ ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଗ୍ରାମୀଙ୍କ ବଳିଦାନ ସମ୍ପର୍କରେ ଆଲୋଚନା ସହ ପରିବାରକୁ ମାସିକ ୧୦ ହଜାର ପେନସନ ପ୍ରଦାନ, ମାଗଣା ସ୍ୱାସ୍ଥ୍ୟ ସେବା ସୁବିଧା, ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା, ସ୍ୱତନ୍ତ୍ର ପରିଚୟ ପତ୍ର ବ୍ୟବସ୍ଥା ଏବଂ ବ୍ଲକ୍ ସ୍ତରରେ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିସ୍ତମ୍ଭ ସ୍ଥାପନ ଆଦି ବିଷୟ ଉପରେ ଆଲୋଚନା ହୋଇଥିଲା ।

## ପୁରୀ ଶ୍ରୀମନ୍ଦିର - ରାଧାଷ୍ଟମୀ

**ପୁରୀ** ଶ୍ରୀମନ୍ଦିରରେ ଆଜି ରାଧାଷ୍ଟମୀ ଅବସରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହେଉଛି । ଚଉଦୋଳରେ ଅଧିଷ୍ଠିତ ହୋଇ ଶ୍ରୀସୁଦର୍ଶନ ଦେବ ଶ୍ରୀମନ୍ଦିରରୁ ବାହାରିବେ । ସେ ପ୍ରଭୁ ଜମ୍ବେଶ୍ୱରଙ୍କ ମନ୍ଦିରକୁ ଯାଇ ମହାପ୍ରଭୁଙ୍କ ପକ୍ଷରୁ ଶ୍ରୀମନ୍ଦିରର ବାର୍ଷିକ ଆୟବ୍ୟୟର ହିସାବ ନେବାର ପରମ୍ପରା ରହିଛି । ରାଧାଷ୍ଟମୀରେ ମହାଲକ୍ଷ୍ମୀଙ୍କୁ ମହାପ୍ରଭୁଙ୍କ ଆଜ୍ଞାମାଳ ଲାଗି କରାଯାଇଥାଏ । ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ଉଠିବା ପରେ ମହାଲକ୍ଷ୍ମୀଙ୍କୁ ସିଂହାସନ ଉପରେ ବିଜେ କରାଯିବ । ଏହାପରେ ମଧ୍ୟାହ୍ନ ଧୂପ ଶେଷ ହୋଇ ଯଥାବିଧି ରାଧାଷ୍ଟମୀ ନୀତି ସମ୍ପନ୍ନ ହେବ ।

## ଜନଶୁଣାଣି

ଗଞ୍ଜାମ ଜିଲ୍ଲା ଚିକିଟିଠାରେ ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା ଓ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ବିଭିନ୍ନ କର୍ମନିଯୁକ୍ତି ପ୍ରକଳ୍ପ, ବିଜୁ ପକ୍କା ଘର, ପାରମ୍ପରିକ ଜଳଉତ୍ସ, ଗୁହାଳ ନିର୍ମାଣ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଶୁଣାଣି ହୋଇଛି । ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ ।

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୪ ଦିନ ପର୍ଯ୍ୟନ୍ତ କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବର୍ଷା ହେବା ନେଇ ୧୨ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

ଏହି ଜିଲ୍ଲାଗୁଡ଼ିକ ହେଉଛି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଦେଓଗଡ଼, ସମ୍ବଲପୁର ଏବଂ ଝାରସୁଗୁଡ଼ା ।

**********************************